# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 November - 2024**

**News Editor : *Itishree Singh Rathaur***

# ମୁଖ୍ୟମନ୍ତ୍ରୀ-ସିଙ୍ଗାପୁର ଗସ୍ତ

ଭାରତ ଓ ସିଙ୍ଗାପୁର ମଧ୍ୟରେ ଦୃଢ଼ ଅର୍ଥନୈତିକ, କୂଟନୀତିଜ୍ଞ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି । ଓଡ଼ିଶା ଏହାକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରିବ ବୋଲି ସିଙ୍ଗାପୁର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟ ସରକାର ବୟନଶିଳ୍ପ, ସାମୁଦ୍ରିକ ଖାଦ୍ୟ, ଦକ୍ଷ ମାନବସମ୍ବଳ କ୍ଷେତ୍ରରେ ନିବେଶକାରୀଙ୍କୁ ସମସ୍ତପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି । ସିଙ୍ଗାପୁର ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ରସାୟନ, ପେଟ୍ରୋ ରସାୟନ, ଅକ୍ଷୟଶକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟବସାୟିକ ପ୍ରତିନିଧିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି ।

# ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ଓ ଆସନ୍ତା ସୋମବାର ୨୫ ତାରିଖ ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦିନ ମାନଙ୍କରେ

ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଶିକ୍ଷାମନ୍ତ୍ରୀ-କ୍ୟାରିୟର କାଉନ୍‌ସେଲିଂ

କ୍ୟାରିୟର କାଉନ୍‌ସେଲିଂ ପ୍ଲାଟଫର୍ମ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଝାରସୁଗୁଡାରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ପ୍ରାୟ ୧୪ହଜାର ୯୬୨ଜଣ ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନ୍‌ସେଲିଂ କରାଯିବ । ଉପଯୁକ୍ତ ପରାମର୍ଶ ମାଧ୍ୟମରେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଧାନସଂଗ୍ରହ-ସମୀକ୍ଷା ବୈଠକ

ଚଳିତବର୍ଷ ଖରିଫ ଋତୁ ଧାନସଂଗ୍ରହ ବ୍ୟବସ୍ଥା ନେଇ ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯିବା ସହ ସମସ୍ତ ପ୍ରକାର ଅନିୟମିତତା, କଟ୍‌ନି, ଛଟ୍‌ନିକୁ ବନ୍ଦ କରି ଚାଷୀଙ୍କୁ ଫସଲର ଉଚିତ୍

ମୂଲ୍ୟ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଛନ୍ତି । ଧାନସଂଗ୍ରହ ସମୟରେ ଶସ୍ୟର ମାନ ପରୀକ୍ଷଣ ପାଇଁ ପ୍ରଥମଥର ଲାଗି ସ୍ୱୟଂକ୍ରିୟ ଶସ୍ୟ ମାନ ପରୀକ୍ଷଣ ଯନ୍ତ୍ର ବା ଅଟୋମେଟିକ ଗ୍ରେନ୍ ଆନାଲାଇଜର ଲଗାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଆସନ୍ତା ୨୦ ଓ ୨୨ ତାରିଖରେ ବରଗଡ ଓ ସମ୍ବଲପୁରରେ ଧାନସଂଗ୍ରହ ଆରମ୍ଭ ହେବ । ପ୍ରଥମଥର ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କା ଅଧିକ ବୋନସ ଦିଆଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ମାସ ୮ ତାରିଖରେ ବରଗଡ ଜିଲ୍ଲାର ସୋହେଲାରୁ ଏହି ବୋନସ ଟଙ୍କା ପ୍ରଦାନର ଶୁଭାରମ୍ଭ କରିବେ ।

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଶତବାର୍ଷିକୀ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖାଯାଇଛି । ଏ ସମ୍ପର୍କିତ ଭିଜନ ଡକ୍ୟୁମେଣ୍ଟର ପ୍ରସ୍ତୁତି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅନୁଷ୍ଠିତ ବୈଠକରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ବି.ଭି.ଆର୍ ସୁବ୍ରମଣ୍ୟମ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଏହାର ପ୍ରସ୍ତୁତି ପାଇଁ ବିଭିନ୍ନ ବିଭାଗ, ପରାମର୍ଶ ପ୍ରଦାନକାରୀ ଅନୁଷ୍ଠାନ, ଭିଜନ ଡକ୍ୟୁମେଣ୍ଟ ୱେବ ପୋର୍ଟାଲ, ହ୍ୱାଟ୍ସଆପ୍ ଓ ଇ-ମେଲ୍ ଜରିଆରେ ଜନ ସାଧାରଣଙ୍କଠାରୁ

ଗ୍ରହଣ କରାଯାଇଥିବା ମତାମତ ଓ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ସମବାୟ ସପ୍ତାହ

ରାଜ୍ୟର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ସମବାୟର ଉଲ୍ଲେଖନୀୟ ଅବଦାନ ରହିଛି । ଋଣ ପ୍ରଦାନ, କୃଷି ଉତ୍ପାଦନ, ସାର ବିପଣନ, ଖାଉଟୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ କୃଷିର ଉନ୍ନତି ଓ କୃଷକଙ୍କ ଅର୍ଥନୈତିକ ବିକାଶ ପାଇଁ ଏହା କାର୍ଯ୍ୟ କରିଥାଏ ବୋଲି ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଢେଙ୍କାନାଳଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ରାଜ୍ୟ ଅର୍ଥନୀତିର ମୁଖ୍ୟ ସ୍ରୋତରେ ସମବାୟ ଏକ ମାଇଲଖୁଣ୍ଟ ଭାବେ ନିଜ କାର୍ଯ୍ୟ ପ୍ରତିପାଦିତ କରିଛି ।

## ଓଡ଼ିଶା ପର୍ବ-୨୦୨୪

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ତିନିଦିନିଆ ଓଡ଼ିଶା ପର୍ବ ୨୦୨୪ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବାବେଳେ ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ସଂଗୀତ ନୃତ୍ୟ ଓ ହସ୍ତଶିଳ୍ପ ଆଦିର ପ୍ରଦର୍ଶନ ହେବ ।

# ଚିଲିକା-ବିଦେଶାଗତ ପକ୍ଷୀ

ଚିଲିକା ନଳବଣରେ ଚଳିତବର୍ଷ ଶୀତ ଆରମ୍ଭରୁ ୭୫ ପ୍ରଜାତିର ଏକଲକ୍ଷ ୩୭ହଜାର ୩୫୬ ବିଦେଶାଗତ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି । ବନବିଭାଗ ପକ୍ଷରୁ ନିୟୋଜିତ ଡ୍ରୋନ୍ କ୍ୟାମେରା ସର୍ବେକ୍ଷଣରୁ ଏହି ତଥ୍ୟ ପ୍ରକାଶ ପାଇଛି । ଆଫଗାନିସ୍ତାନ, ମଙ୍ଗୋଲିଆ, ସାଇବେରିୟା, ମାଲେସିଆ ଆଦି ସ୍ଥାନରୁ ପକ୍ଷୀଙ୍କ ଆଗମନ ହୋଇଛି ।

# ବାଲିଯାତ୍ରା-ଓରମାସ

କଟକ ବାଲିଯାତ୍ରା ପଡ଼ିଆରେ ଓରମାସ ପକ୍ଷରୁ ଚାଲିଥିବା ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ଦିନରେ ପ୍ରାୟ ଏକକୋଟି ୨୯ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି । ଏଥିରେ ୫୦୦ରୁ ଅଧିକ ଷ୍ଟଲ ଖୋଲାଯାଇଛି । ମିଶନଶକ୍ତି, ନାବାର୍ଡ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ୨୨ଟି ରାଜ୍ୟର ବ୍ୟବସାୟୀ ପଲ୍ଲିଶ୍ରୀ ମେଳାରେ ଭାଗ ନେଇଛନ୍ତି ।

# ବାଲିଯାତ୍ରା

ବାଲିଯାତ୍ରାର ସାଂସ୍କୃତିକ କାର୍ଯ୍ୟ ସମୟ ଅବଧିକୁ ଆହୁରି ଅଧଘଣ୍ଟା ବୃଦ୍ଧି କରାଯାଇଛି । ପୂର୍ବରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହୁଥିବାବେଳେ ବର୍ତ୍ତମାନ ଏହା ସାଢ଼େ ୧୦ଟା ପର୍ଯ୍ୟନ୍ତ ହେବ ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ହ୍ରାସ ପାଇଛି । ଆସନ୍ତା ୩ ଦିନ ମଧ୍ୟରେ  ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ସୂଚନା ଅନୁସାରେ ଗତକାଲି କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।